## ସିକିମ୍ ସ୍ୱତ୍ୱଧାରୀଙ୍କୁ ସ୍ଥିତିବାନ୍ ପଟ୍ଟା ବଣ୍ଟନ କଲେ ମୁଖ୍ୟମନ୍ତ୍ରୀ

# କେନ୍ଦ୍ରାପଡ଼ାର ୧୦୧୫୦ ସ୍ୱତ୍ୱଧାରୀ ହେବେ ଉପକୃତ

କେନ୍ଦ୍ରାପଡ଼ା, ୨୦।୨(ସମିସ): ସିକିମ୍ ସ୍ୱତ୍ୱଧାରୀଙ୍କୁ ଆଭାସୀ ଯୋଗେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ସ୍ଥିତିବାନ ପଟ୍ଟା ବଣ୍ଟନ କରିଛନ୍ତି। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆଠାରେ ଆୟୋଜିତ ପଟ୍ଟା ବଣ୍ଟନ ସମାରୋହରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଅନୁମତିକ୍ରମେ ସିକିମ୍ ସ୍ୱତ୍ୱଧାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ।





ସୂଚନାଯୋଗ୍ୟ, '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କେନ୍ଦ୍ରାପଡ଼ା ଗସ୍ତରେ ଆସିଥିବା ସମୟରେ ସର୍ବପ୍ରଥମେ ଏହି ସିକିମ୍ ଜମି ସମସ୍ୟା ନେଇ ଅଭିଯୋଗ ପାଇଥିଲେ। ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଅଲୋଚନା ପରେ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା ଭୂ-ସଂସ୍କାର ଆଇନ ୧୯୬୦ରେ ଆବଶ୍ୟକୀୟ ସଂଶୋଧନ ଆଣିବା ପାଇଁ। ଫଳ ସ୍ୱରୂପ ରାଜ୍ୟ ସରକାରଙ୍କ ଏହି ଐତିହାସିକ ପଦକ୍ଷେପ ଯୋଗୁଁ ଆଜି ରାଜ୍ୟର ୨.୫୪ ଲକ୍ଷ ସିକିମ୍ ସ୍ୱତ୍ୱଧାରୀ ଉପକୃତ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ୧୦, ୧୫୦ ସିକିମ୍ ସ୍ୱତ୍ୱଧାରୀ ଉପକୃତ ହେବେ। ସିକିମ ସ୍ୱତ୍ୱାଧିକାରୀ ଚାଷୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ କରାଯିବା ଫଳରେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ଏହି ଚାଷୀମାନେ ସରକାରୀ ସୁବିଧା ସୁଯୋଗ ପାଇବା ସହ ତାଙ୍କ ଦଖଲରେ ଥିବା ଜମି ଉପରେ ସ୍ଥାୟୀ, ବଂଶାନୁକ୍ରମିକ ଓ ହସ୍ତାନ୍ତରଯୋଗ୍ୟ ଅଧିକାର ପାଇବେ। ରାଜ୍ୟ ସରକାରଙ୍କର ଏହି ଲୋକାଭାମୁଖୀ ପଦକ୍ଷେପକୁ ସବୁ ମହଲରେ ଭୂୟସୀ ପ୍ରଶଂସା କରାଯାଇଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ସିକିମ ସ୍ୱତ୍ୱଧିକାରୀମାନେ ହୃଦୟର ସହ ଏହାକୁ ସ୍ୱାଗତ କରିଛନ୍ତି। ଆଜି ପ୍ରାରମ୍ଭିକ ପର୍ଯ୍ୟାୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନୁମତିକ୍ରମେ ସମାରୋହରେ କେନ୍ଦ୍ରାପଡ଼ା ଜିଲ୍ଲାର ୧୧୧୮ ଜଣ ଚାଷୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ କରାଯାଇଛି। ଏହି ଲୋକାଭିମୁଖୀ ପଦକ୍ଷେପ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର

### ପ୍ରାଥମିକ ପର୍ଯ୍ୟାୟରେ ୧୧୧୮ ଜଣ ପାଇଲେ ପଟ୍ଟା

ମୋଟ୍ ୬୮, ୪୩୩ ଜଣ ଅଧିବାସୀ ଉପକୃତ ହେବେ। ଆଗାମୀ ଦିନରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିକିମ୍ ଚାଷୀଙ୍କର ସମସ୍ତ ମାମଲା ଅଗ୍ରାଧିକାର ଭିତ୍ତିରେ ଫଇସଲା କରି ସେମାନଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ କରିବାକୁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଲକ୍ଷ୍ୟ ରଖିଛି। ଏହି ପଟ୍ଟାବଣ୍ଟନ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର ଶିବାଶିଷ ପରିଡ଼ା, ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ, ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ସିକିମ ସ୍ୱତ୍ୱଧିକାରୀ ଚାଷୀ, ରାଜସ୍ୱ ବିଭାଗ ତଥା ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

● ମାଟ୍ରିକ ପରୀକ୍ଷା

# ରାଜନଗରରେ ୧୩ କେନ୍ଦ୍ରରେ ୨୬୫୩ ପରୀକ୍ଷାର୍ଥୀ

■ ମଧ୍ୟମାରେ ୫ କେନ୍ଦ୍ରରେ ୧୨୧ ପରୀକ୍ଷାର୍ଥୀ

ରାଜନଗର, ୨୦।୨(ସମିସ): ଚଳିତବର୍ଷ ମାଟ୍ରିକ ପରୀକ୍ଷା ଆଜିଠୁଁ ଆରମ୍ଭ ହୋଇଛି। ରାଜନଗର ବ୍ଲକର ୧୩ଟି କେନ୍ଦ୍ରରେ ୨ହଜାର ୬୫୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଏହି ବ୍ଲକର ରାଜନଗର, ହାତିନା, ବଡପଲ୍ଲୀ, ବନ୍ଧପଡ଼ା, ଜଗନ୍ନାଥପୁରଶାସନ, କେରଡାଗଡ଼, ନାଉକୋଣା, ଗୋପାଳପୁର, ମାଣପଡ଼ା, ଚାନ୍ଦିବାଉଁଶମୂଳ, ଦିଘି, ଡାଙ୍ଗମାଳ, ବାଘମାରି ପ୍ରଭୃତି ୧୩ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଉଛନ୍ତି। ସେହିପରି ରାଜନଗର, ବଡପଲ୍ଲୀ, ହଟିନା, ଚାନ୍ଦିବାଉଁଶମୂଳ, ଦିଘୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟମାରେ ୧୨୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ରାଜନଗର ବ୍ଲକର ୧୩ଟି କେନ୍ଦ୍ରରୁ ୨୭୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୬୫୩ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ବେଳେ ୬୧ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଅଛନ୍ତି। ସେହିପରି ୧୩୪ ଜଣ ମଧ୍ୟମା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୧ ଜଣ ପରୀକ୍ଷା ଦେଉଥିବା ବେଳେ ୧୩ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଅଛନ୍ତି। ଅନ୍ୟ ପକ୍ଷରେ ଆଜି ଶାନ୍ତି ଶୃଙ୍ଖଳାର ସହିତ ପରୀକ୍ଷା ଶେଷ ହୋଇଛି।

# ଡେରାବିଶରେ ୯ ମାଟ୍ରିକ୍ ପରୀକ୍ଷା କେନ୍ଦ୍ର

● ୧୭୪୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨ ଅନୁପସ୍ଥିତ

ଡେରାବିଶ, ୨୦।୦୨ (ସମିସ): ରାଜ୍ୟରେ ମାଧ୍ୟମିକ ଶିକ୍ଷା ବୋର୍ଡ଼ ପକ୍ଷରୁ ଆଜି ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଆଜି ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ହୋଇଥିଲା। ମାର୍ଚ୍ଚ ୪ ତାରିଖ ଯାଏ ହେବାକୁଥିବା ଏହି ପରୀକ୍ଷା ପାଇଁ ଡେରାବିଶ ବ୍ଲକରେ ସମୁଦାୟ ୯ ଗୋଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରରେ ସମୁଦାୟ ୧୭୪୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ଆଜି ସମୁଦାୟ ୧୭୩୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨ ଜଣ ଅନୁପସ୍ଥିତ ଥିବା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ସିସିଟିଭି କ୍ୟାମେରା ଲାଗାଯାଇଥିବା ବେଳେ କେନ୍ଦ୍ରମଧ୍ୟକୁ କୌଣସି ଛାତ୍ରଛାତ୍ରୀ କିମ୍ବା ଶିକ୍ଷକ ମୋବାଇଲ୍ ନେଇ ପାରିବେ ନାହିଁ ବୋଲି ବିଭାଗ ପକ୍ଷରୁ କଡ଼ାକଡ଼ି ନିର୍ଦ୍ଦେଶ ଦିଆଯାଇଛି।

## ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ

# ୧୮ ହଜାର ୯୭୭ଜଣ ପରୀକ୍ଷାର୍ଥୀରୁ ୩୫୭ ଅନୁପସ୍ଥିତ

କେନ୍ଦ୍ରାପଡ଼ା, ୨୦।୨(ସମିସ): ମଙ୍ଗଳବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଏହି ପରୀକ୍ଷାର ପ୍ରଥମ ଦିନରେ ସାହିତ୍ୟ ବିଷୟରେ ଜିଲ୍ଲାର ୧୦୩ଟି ପରୀକ୍ଷା କେନ୍ଦ୍ରରେ ୧୮, ୯୭୭ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଏଥିସହିତ ୨ଟି କେନ୍ଦ୍ରରେ ମୁକ୍ତ ବିଦ୍ୟାଳୟର ୨୨୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୪୮ ଜଣ ମଧ୍ୟମା ପରୀକ୍ଷାର୍ଥୀ ୧୫ଟି ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ମାଟ୍ରିକ ପରୀକ୍ଷା ପାଇଁ ଜିଲ୍ଲାର ୧୯, ୩୩୪ଜଣ ଛାତ୍ରଛାତ୍ରୀ ଫର୍ମଫିଲପ କରିଥିବା ବେଳେ ସେଥି ମଧ୍ୟରୁ ୧୮, ୯୭୭ ଜଣ ପରୀକ୍ଷା ଦେଇଥିବା ବେଳେ ୩୫୭ଜଣ ଅନୁପସ୍ଥିତ ଥିବା ସୂଚନା ମିଳିଛି। ମଧ୍ୟମା ପରୀକ୍ଷା ପାଇଁ ୩୧୦ଜଣ ଫର୍ମଫିଲପ କରିଥିବା ବେଳେ ସେଥିମଧ୍ୟରୁ ୨୪୮ଜଣ ପରୀକ୍ଷା ଦେଇଥିବା ବେଳେ ୬୨ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୨୮୫ଜଣ ଫର୍ମଫିଲପ କରିଥିବା ବେଳେ ସେଥିମଧ୍ୟରୁ ୨୨୯ଜଣ ପରୀକ୍ଷା ଦେଇଥିବା ବେଳେ ୫୬ଜଣ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ଉପରୋକ୍ତ ତିନୋଟି ପରୀକ୍ଷାରେ ମୋଟ ୪୭୫ଜଣ ଅନୁପସ୍ଥିତ ରହିଛନ୍ତି। ୧୦୩ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ପରିଚାଳନା ପାଇଁ ୮୦୫ଜଣ ଇନଭିଜିଲେଟର, ୪୦୨ଜଣ ରୋଭର ଓ ୨୦୧ଜଣ ରିଲିଭର ନିଯୁକ୍ତ ହୋଇଥିବା ବେଳେ ମଧ୍ୟମା ପରୀକ୍ଷା ପାଇଁ ୧୨ଜଣ ଇନଭିଜିଲେଟର, ୬ଜଣ ରୋଭର ଓ ୩ଜଣ ରିଲିଭର ଏବଂ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୧୧ଜଣ ଇନଭିଜିଲେଟର, ୫ଜଣ ରୋଭର ଓ ୨ଜଣ ରିଲିଭରଙ୍କୁ ନିଯୁକ୍ତ କରାଯାଇଛି। ଏଥିସହିତ ୧୦୫ଜଣ ଅଧିକ୍ଷକ ଓ ୧୦୫ଜଣ ଉପଅଧିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏହାବ୍ୟତିତ ୨୫୦ଜଣରୁ ଅଧିକ ପରୀକ୍ଷାର୍ଥୀ ଥିବା ପରିକ୍ଷା କେନ୍ଦ୍ରରେ ୨ଜଣ ଉପଅଧିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। କପି ରୋକିବା ନିମନ୍ତେ କଟକ ବୋର୍ଡରୁ ଗୋଟିଏ ସ୍କ୍ୱାର୍ଡ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ରଙ୍କ ନେତୃତ୍ୱରେ ଗୋଟିଏ ଏବଂ ବରିଷ୍ଠ ମଣ୍ଡଳ ଶିକ୍ଷା ଅଧିକାରୀ ତନ୍ମୟ ବେହେରାଙ୍କ ନେତୃତ୍ୱରେ ଅନ୍ୟ ଗୋଟିଏ ଜିଲ୍ଲା ସ୍ତରୀୟ ସ୍କ୍ୱାର୍ଡ ଜିଲ୍ଲାର ବିଭିନ୍ନ କେନ୍ଦ୍ର ପରିଦର୍ଶନ କରିଥିବା ଜଣାଯାଇଛି। ଜିଲ୍ଲାର ମୋଟ ୧୦୫ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୬ଟିରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବସ୍ଥାରେ, ୧୬ଟିରେ ଲାଇଭ୍ ସ୍କ୍ରିନିଂ ବ୍ୟବସ୍ଥାରେ ଏବଂ ଅନ୍ୟ ୮୩ଟି କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥାରେ ପରୀକ୍ଷା ପରିଚାଳନା ଉପରେ ତୀକ୍ଷ୍ଣନଜର ରଖାଯାଇଛି ବୋଲି ପରୀକ୍ଷା ଦାୟିତ୍ୱରେ ଥିବା ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ କୁମାର ବାରିକ ସୂଚନା ଦେଇଛନ୍ତି।



# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

କେନ୍ଦ୍ରାପଡ଼ା, ୨୦।୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଡକ ସୁରକ୍ଷା, ମୋଟରଯାନ ଆଇନ, ରୂପାନ୍ତରିତ ଦାବି ନ୍ୟାୟାଧିକରଣ ଏକମତ ପ୍ରକ୍ରିୟା (ମୋଡିଫାଏଡ୍ କ୍ଲେମ୍ସ ଟ୍ରିବୁନାଲ ଏଗ୍ରିଡ୍ ପ୍ରୋସିଡିଓର୍) ସମ୍ପର୍କରେ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁମିତ୍ରା ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତରେ କରାଯାଉଥିବା ସଡକ ଦୁର୍ଘଟଣାଜନିତ ମୋକଦ୍ଦମା ଫଇସଲା କଥା ସେ ପ୍ରକାଶ କରିଥିଲେ। ଆସନ୍ତା ମାର୍ଚ୍ଚ ୯ ତାରିଖରେ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ମୋଟର ଯାନ ଆଇନକୁ ସମସ୍ତ ଗାଡି ଚାଳକମାନେ ଅନୁସରଣ କଲେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାକୁ କମାଇବା ସମ୍ଭବ ହୋଇପାରିବ। ଏଥିପାଇଁ ଗାଡି ଚାଳକମାନେ ସଡକ ସୁରକ୍ଷା ନିୟମ ପ୍ରତି ସତର୍କ ହେବା ଉଚିତ। ନାବାଳକ ପିଲାମାନଙ୍କୁ ଗାଡି ଚଳାଇବା ପାଇଁ ସେମାନଙ୍କର ପିତାମାତା ନିରୁତ୍ସାହିତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏଥିରେ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ ମୋଟରଯାନ ଆଇନ ଏବଂ ସଡକ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଏବଂ ତାଙ୍କ ବିଭାଗ ପକ୍ଷରୁ ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ଶିବିରରେ ଲୋକମାନଙ୍କୁ ସଚେତନ କରିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡିକ ବିଷୟରେ ମତବ୍ୟକ୍ତ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ଏହାର ସଂଯୋଜନା କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଜିଲ୍ଲା ଆଇନସେବା ପ୍ରାଧିକରଣର ଶ୍ରୀକାନ୍ତ କୁମାର ସ୍ୱାଇଁ ଓ ଦୀପକ କୁମାର ମହାନ୍ତି, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଗାଡି ଚାଳକମାନେ ଏହି ସଚେତନତା ଶିବିରରେ ଯୋଗ ଦେଇଥିଲେ।




## ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତ ମିଳନ ଉତ୍ସବ ଉଦ୍‌ଯାପିତ

# 'ହରିକଥା ଶ୍ରବଣ ଓ ଚିନ୍ତନ ହିଁ ମୁକ୍ତିର ମାର୍ଗ'

ରାଜନଗର, ୨୦।୨(ସମିସ): ଜଗତ୍‌ଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀର ୫୪ତମ ବାର୍ଷିକ ଉତ୍ସବ, ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତମିଳନ ଉତ୍ସବ ଉଦଯାପିତ ହୋଇଯାଇଛି। ଚଳିତମାସ ୧୬ ତାରିଖଠାରୁ ୧୯ ତାରିଖ ଯାଏଁ ରାଜନଗର ବ୍ଲକର ମହୁଲିଆଠାରେ ଏହି ରାଜ୍ୟସ୍ତରୀୟ ସନାତନ ଧର୍ମ ସମ୍ମିଳନୀରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ହରି କଥା ଶୁଣିଥିଲେ। ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀ ଓ ମହୁଲିଆ ପଞ୍ଚାୟତବାସୀଙ୍କ ମିଳିତ ଆନୁକୂଲ୍ୟରେ ଏହି ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେଉଛି। ସନାତନ ଧର୍ମ ସମ୍ମିଳନୀ ପାଇଁ ୧୬ ତାରିଖ ଦିନ ପ୍ରାତଃ ୬ ଘଟିକାରୁ ସୂର୍ଯ୍ୟପୂଜା, ଗୋପୂଜା, ସର୍ବ ଦେବାଦେବୀଙ୍କ ପୂଜା ପରେ ୯ ଘଟିକାରେ ରାଜନଗର ସେବାଶ୍ରମଠାରୁ ଶ୍ରୀ ଶ୍ରୀ ଠାକୁର ଅଭିରାମ ପରମହଂସ ଦେବଙ୍କୁ ଭବ୍ୟ ଓ ଦିବ୍ୟ ସଂକୀର୍ତ୍ତନ ଶୋଭାଯାତ୍ରାରେ ସମ୍ମିଳନୀ ମଣ୍ଡପଯାଏଁ ପାଛୋଟି ନିଆଯାଇଥିଲା। ଉଦଯାପନୀ ସନ୍ଧ୍ୟାରେ ପ୍ରଜ୍ଞାମିଶନ କ୍ରିୟାଯୋଗ ଆଶ୍ରମ ପୁରୀର ପରମହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦ ଯୋଗଦେଇ ହରିକଥା ଶ୍ରବଣ ଓ ଚିନ୍ତନ ହିଁ ମୁକ୍ତିର ମାର୍ଗ ବୋଲି କହିଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ଠାକୁରଙ୍କ ଭଜନ କାର୍ଯ୍ୟକ୍ରମ ସହିତ ଶ୍ରୀ ଶ୍ରୀ ଠାକୁରଙ୍କ ଲୀଳାଭିନୟ କାର୍ଯ୍ୟକ୍ରମ, ଗୋଟିପୁଅ ନୃତ୍ୟ, ପାଲା ଆଦି ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ସନ୍ଧ୍ୟାରେ ୩୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ହରି କଥା ଶ୍ରବଣ କରିଥିଲେ। ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀର ସଭାପତି ଦିବାକର ପରିଡ଼ା ଓ ସେବକ ଅଭୟ ବାବା କାର୍ଯ୍ୟକ୍ରମ ଓ ମହୁଲିଆ ପଞ୍ଚାୟତବାସୀଙ୍କ ମିଳିତ ଆନୁକୂଲ୍ୟରେ ଏହି ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।



# ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ରାଜସ୍ୱ କ୍ଷେତ୍ର ଅଧିକାରୀ

କେନ୍ଦ୍ରାପଡ଼ା, ୨୦।୨(ସମିସ): ଓଡ଼ିଶା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ଜିଲ୍ଲାର ସମସ୍ତ ଅଣ ଗେଜେଟେଡ ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ଦାବି ପୂରଣ ହେବା ପର୍ଯ୍ୟନ୍ତ କେନ୍ଦ୍ରାପଡ଼ାର ସମସ୍ତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। କେବଳ ପରୀକ୍ଷା ଦାୟିତ୍ୱ ସମେତ ଅନ୍ୟାନ୍ୟ ଜରୁରୀକାଳୀନ କାର୍ଯ୍ୟକୁ ଛାଡି ଦେଲେ ଅନ୍ୟ କୌଣସି ସରକାରୀ କାର୍ଯ୍ୟ ସେମାନେ କରିବେ ନାହିଁ ବୋଲି ସଂଘ ପକ୍ଷରୁ ସୂଚନା ପ୍ରଦାନ କରିଛନ୍ତି। ଧାରଣାରେ ସଂଘର ସଭାପତି ଜାନକୀ ବଲ୍ଲଭ ପଣ୍ଡା, କାର୍ଯ୍ୟକାରୀ ସଭାପତି ବିଶ୍ୱବିଜୟୀ ପରିଡ଼ା, ସମ୍ପାଦକ ରଣଜିତ କୁମାର ସାହୁ, କୋଷାଧ୍ୟକ୍ଷ ଦୀପକ କୁମାର ଦାସ, ଯୁଗ୍ମ ସମ୍ପାଦକ ବିଜୟ କୁମାର ଜେନା, ଉପସଭାପତି ମନୀଷା ପ୍ରିୟଦର୍ଶିନୀ ଷଡଙ୍ଗୀ, ସମୀକ୍ଷକ ପବିତ୍ର କୁମାର ବେହେରା, ରାଜେଶ କୁମାର ମାରାଣ୍ଡି, ନଳିନୀ କାନ୍ତ ପୃଷ୍ଟି, ମାନସରଞ୍ଜନ ନାଥ, ରାଜଶ୍ରୀ ପ୍ରଧାନ, ସାଇଦର୍ଶନ ଲେଙ୍କା, ଅଭିମନ୍ୟୁ ରାଉତ, ପ୍ରମୋଦ କୁମାର ରାଉତ, ପ୍ରିୟଙ୍କା ଜେନା, ଆକାଶ ବିଶ୍ୱାଳ, ଜୟଦେବ ପୂର୍ତ୍ତି, ଜୟଶ୍ରୀ କର, ଶୁଭେନ୍ଦୁ ମଣ୍ଡଳ, ଶୁଭଶ୍ରୀ ଦାସ, ଆରକ୍ଷ ଖିଲାର, ପଲ୍ଲବ ପ୍ରିତମ ପ୍ରଧାନ ପ୍ରମୁଖ ରାଜସ୍ୱ କ୍ଷେତ୍ର ଅଧିକାରୀ ସାମିଲ ହୋଇଥିଲେ।

**ଡେରାବିଶ:** ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ରାଧିକାରୀ ସଂଘ ଡାକରାରେ ଆଜି ଡେରାବିଶ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଡେରାବିଶ ଶାଖାର ରାଜସ୍ୱ କ୍ଷେତ୍ରାଧିକାରୀ ମାନେ ଧାରଣାରେ ବସିଥିଲେ। ସଂଘର ୬ ଦଫା ଦାବି ପୂରଣ ନେଇ ଆଜି ଡେରାବିଶ ତହସିଲ ସଂଘର ସଭାପତି ସନ୍ଧ୍ୟାରାଣୀ ବରାଳ ଓ ସମ୍ପାଦକ ପଲ୍ଲବ ପ୍ରତିମ ପ୍ରଧାନଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ଧାରଣାରେ ସାମିଲ ହୋଇଛନ୍ତି। ଆଜିର ଧାରଣାରେ ଡେରାବିଶ ଶାଖାର ଉପସଭାପତି ଶୁଭଶ୍ରୀ ଦାସ, ଯୁଗ୍ମ ସମ୍ପାଦକ ଶୁଭଦର୍ଶନ ପରିଡ଼ା, ସ୍ୱାଗତିକା ମଲ୍ଲ, କାର୍ଯ୍ୟାଳୟ ସମ୍ପାଦକ ବିଜୟଲକ୍ଷ୍ମୀ ପଲେଇ, ସାଂସ୍କୃତିକ ସମ୍ପାଦକ ତ୍ରିଲୋଚନ ବେହେରା, ଆଇନ ପରାମର୍ଶଦାତା ଜୟରାମ ବେହେରା, ସ୍ମୃତିରଞ୍ଜନ ନାୟକ, ସମୀକ୍ଷକ ଅରକ୍ଷ ଖିଲାରଙ୍କ ସମେତ ତହସିଲର ଅଧୀନସ୍ଥ ସମସ୍ତ ରାଜସ୍ୱ କ୍ଷେତ୍ର କର୍ମଚାରୀ ପ୍ରମୁଖ ସାମିଲ ହୋଇଥିଲେ। ତେବେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଧାରଣା ଚାଲୁ ରହିବ ବୋଲି ଧାରଣାକାରୀମାନେ ପ୍ରକାଶ କରିଛନ୍ତି।

**ରାଜକନିକା:** କନିକା ତହସିଲର ୧୦ ଟି ଆର୍‌ଆଇ ସର୍କଲର ନିୟୋଜିତ ଥିବା ସମସ୍ତ ଆରଆଇ, ଏଆରଆଇ ଓ ସୁପରଭାଇଜର ଭଳି କର୍ମଚାରୀ ବହୁ ଅବହେଳିତ ଓ ପ୍ରତିକ୍ଷିତ ନାଯ୍ୟ ଅଣଆର୍ଥିକ ଦାବି ସମୂହ, କ୍ୟାଡର ରୁଲ ପୁନର୍ଗଠନ ଓ ଚାକିରୀର ଅନ୍ୟାନ୍ୟ ସର୍ତ୍ତାବଳୀ ଭଳି ୬ ଦଫା ଦାବି ପୂରଣ ପାଇଁ ଆଜିଠୁ କଲମ ଛାଡ଼ କରି ଆନ୍ଦୋଳନରେ ସାମିଲ ହେବା ସହ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆରଆଇ ସଙ୍ଘର ଦେବେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ରଚିତା ମହାନ୍ତି, ଶକ୍ତିପ୍ରସାଦ ରଥ, ପ୍ରକାଶ ମହାନ୍ତି, ଏଫ ଆର୍ଯ୍ୟକୁମାର, ଅଭିମନ୍ୟୁ ବେହେରା ପ୍ରମୁଖ ଆଜିଠୁ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

**ରାଜନଗର:** ରାଜନଗରରେ ମଧ୍ୟ ରାଜସ୍ୱ ନିରୀକ୍ଷକମାନେ ଧାରଣା ଦେଇଛନ୍ତି। ରାଜସ୍ୱ ନିରୀକ୍ଷକ ଆଦିତ୍ୟ ନାରାୟଣ ଦାସ, ସନ୍ଦୀପ କୁମାର ମନଡାଙ୍ଗୀ, ଦୀପକ ରଞ୍ଜନ ବେହେରା, ଲାଲୁ ବିକ୍ରମ ଚୌଧୁରୀ, ସୀତାକାନ୍ତ ପରିଡ଼ା, ରବୀନ୍ଦ୍ର ହାଂସଦା, ବିଜୟ କୁମାର ଜେନା, ପୂର୍ଣଚନ୍ଦ୍ର ବେହେରା ଓ ପ୍ରଦ୍ୟୁମ୍ନ କେଶରୀ ବେହୁରା ପ୍ରମୁଖ ଧାରଣାରେ ବସିଛନ୍ତି।





# ଧୀରେନ୍ ସାହୁ କେନ୍ଦ୍ରାପଡ଼ା ବିଜେଡି ସଭାପତି

● ଚିତ୍ତରଞ୍ଜନ ଦାସ ନିଲମ୍ବିତ

କେନ୍ଦ୍ରାପଡ଼ା, ୨୦।୨(ସମିସ): ଧୀରେନ୍ କୁମାର ସାହୁ କେନ୍ଦ୍ରାପଡ଼ା ବିଜେଡିର ଜିଲ୍ଲା ସଭାପତି ଭାବେ ନିଯୁକ୍ତି ପାଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀ ସାହୁଙ୍କୁ ଜିଲ୍ଲା ବିଜେଡି ଦାୟିତ୍ୱ ପ୍ରଦାନ କରିଛନ୍ତି। ଅପରପକ୍ଷେ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିଥିବା ହେତୁ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ାର ଚିତ୍ତରଞ୍ଜନ ଦାସଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି। ଉପରୋକ୍ତ ଦୁଇ ଆଦେଶନାମା ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦୁଇଟି ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

ସିଟି ମଣ୍ଟେସୋରି
ସିଦ୍ଧାର୍ଥ ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ଗଞ୍ଜାମ
ନାମଲେଖା ବିଜ୍ଞାପନ (୨୦୨୪-୨୫)
ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (ସେକ୍ସନ ପି-୯ ଆଇସି) ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ ଏସ୍‌ସି, ଏସ୍‌ଟି, ଏସିବିସି, ସିଡବ୍ଲୁଏସ୍‌ଏନ, ବିପିଏଲ (ଅନୁସୂଚିତ ଜାତି / ଅନୁସୂଚିତ ଉପଜାତି / ସାମାଜିକ ଅନଗ୍ରସର / ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ। ଏହି ବର୍ଗର ଶିଶୁମାନେ ତା.୨୨.୦୨.୨୦୨୪ରିଖ ଠାରୁ ତା.୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.odisha.gov.in website ମାଧ୍ୟମରେ ଆବେଦନ କରିପାରିବେ।
ସା/- ପ୍ରଧାନଆଚାର୍ଯ୍ୟା

ANIMESH FOOD PRODUCTS
ANIMESH INDIAN SNACKS
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com



Contact: 8895052838 / 8596070800

